# ତାପଜ ବିଦ୍ୟୁତ ପ୍ରକଳ୍ପ ଓ ଧ୍ୱଂସମୁଖୀ ବାୟୁମଣ୍ଡଳ



**ବିଶ୍ୱଭୂଷଣ ହରିଚନ୍ଦନ** | *ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ବାତାବରଣ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବ*

ରାଜ୍ୟର ସାମଗ୍ରିକ ବିକାଶ ପାଇଁ ବିଦ୍ୟୁତର ଏକ ବିରାଟ ଭୂମିକା ରହିଛି । ଶିଳ୍ପ, କୃଷି, ଜନସାଧାରଣଙ୍କର ଘରୋଇ ଚାହିଦାଠାରୁ ଆରମ୍ଭ କରି ପ୍ରତି କ୍ଷେତ୍ରରେ ବିଦ୍ୟୁତଶକ୍ତି ଆଜି ଅପରିହାର୍ଯ୍ୟ ହୋଇପଡ଼ିଛି ଓ ଏହାର ବ୍ୟବହାର ବଢ଼ି ଚାଲିଛି । ସେଥିପାଇଁ ପ୍ରତି ରାଜ୍ୟ ସେମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ବିଚାର କରି ବିଜୁଳି ଉତ୍ପାଦନ ପାଇଁ ବିଧିବଦ୍ଧ ଯୋଜନା କରିଚାଲିଛନ୍ତି । ଏଭଳି ଯୋଜନା ପ୍ରଣୟନ କଲାବେଳେ ସରକାର ଦୂରଦୃଷ୍ଟି ସଂପନ୍ନ ହେବା ଦରକାର । ରାଜ୍ୟର କେତେ ବିଦ୍ୟୁତଶକ୍ତିର ଆବଶ୍ୟକତା ରହିଛି, କେଉଁସବୁ କ୍ଷେତ୍ରରୁ ବିଦ୍ୟୁତ ଉତ୍ପାଦନ କଲେ ରାଜ୍ୟର ପ୍ରକୃତ ବିକାଶ ଓ ପ୍ରଗତି ହୋଇ ପାରିବ, ରାଜ୍ୟ ବା ତାର ବାତାବରଣ ବିଶେଷ ପ୍ରଦୂଷିତ ହେବନାହିଁ, ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି ହେବନାହିଁ ଇତ୍ୟାଦି ଦିଗକୁ ପର୍ଯ୍ୟାଲୋଚନା କରି ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଯୋଜନାବଦ୍ଧ ପଦକ୍ଷେପ ନେବା ଆଜି ଜରୁରୀ ହୋଇପଡ଼ିଛି ।

ରାଜ୍ୟରେ ବର୍ତ୍ତମାନ ୩୨ଶହରୁ ୩୩ ଶହ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଚାହିଦା ରହିଛି । ରାଜ୍ୟରେ ଥିବା ୭ଟି ଜଳ ବିଦ୍ୟୁତ ପ୍ରକଳ୍ପର ମୋଟ ଉତ୍ପାଦନ କ୍ଷମତା ୨୦୮୫ ମେଗାୱାଟ ଥିଲାବେଳେ ଜଳବିଦ୍ୟୁତ ଉତ୍ପାଦନ ୧୦୦୦ ମେଗାୱାଟରୁ ୧୨୦୦ ମେଗାୱାଟ ପର୍ଯ୍ୟନ୍ତ ହେଉଛି । ଇବ୍ ଥର୍ମାଲ୍ ଓ ଟିଟିପିଏସ୍ ତାପଜ ବିଦ୍ୟୁତ କେନ୍ଦ୍ରର ମୋଟ ଉତ୍ପାଦନ କ୍ଷମତା ୮୮୦ ମେଗାୱାଟ ଥିଲାବେଳେ ସେଥିରୁ ପ୍ରକୃତରେ ୫୦୦ରୁ ୮୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେଉଛି । ଗ୍ରୀଷ୍ମକାଳରେ ଜଳସଂକଟ ଯୋଗୁଁ ବିଦ୍ୟୁତ ଉତ୍ପାଦନ ହ୍ରାସ ପାଉଥିବାରୁ ରାଜ୍ୟକୁ ମୁଖ୍ୟତଃ ତାପଜ ବିଦ୍ୟୁତ୍ ଓ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ରାଜ୍ୟର ଦ୍ରୁତ ଶିଳ୍ପାୟନ ଓ ବିଜୁଳି ନଥିବା ଗ୍ରାମଗୁଡ଼ିକୁ ବିଦ୍ୟୁତକରଣ କରିବା ଯୋଗୁଁ ବିଦ୍ୟୁତ୍ଶକ୍ତିର ଚାହିଦା ବଢ଼ିଚାଲିଛି । ଏହା ଅତି ସ୍ୱାଭାବିକ । ଓପିଟିସିଏଲ୍ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ୨୦୧୮-୧୯ ମସିହା ବେଳକୁ ରାଜ୍ୟରେ ବିଦ୍ୟୁତ୍ ଚାହିଦା ୭୧୯୬ ମେଗାୱାଟରେ ପହଞ୍ଚିବାର ସମ୍ଭାବନା ରହିଛି । ସେହି ଚାହିଦାକୁ ପୂରଣ କରିବା ପାଇଁ ସରକାରଙ୍କ ପାଖରେ ନିର୍ଦ୍ଦିଷ୍ଟ ଯୋଜନା ନାହିଁ । ଜଳବିଦ୍ୟୁତ୍, ସୌର ତାପରୁ ବିଦ୍ୟୁତ୍, ପବନ ଚାଳିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପ୍ରକଳ୍ପ କିମ୍ବା ଆଣବିକ ଇନ୍ଧନକୁ ବ୍ୟବହାର କରି ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାପାଇଁ ସରକାରଙ୍କ ପ୍ରାୟ କୌଣସି ଯୋଜନା ନାହିଁ । କେବଳ କୋଇଲା ବ୍ୟବହାର କରି ତାପଜ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବାପାଇଁ ସରକାର ଚିନ୍ତାହୀନ ଭାବରେ ଶିଳ୍ପପତିମାନଙ୍କ ସହିତ ଯେଉଁ ବୁଝାମଣା ପତ୍ରମାନ ସ୍ୱାକ୍ଷର କରି ଚାଲିଛନ୍ତି, ତାହା ଯେ ଓଡ଼ିଶାରେ ଏକ ଭୟାବହ ପରିସ୍ଥିତି ସୃଷ୍ଟି କରିବ ସରକାର ସେଥିପାଇଁ ଚିନ୍ତିତ ନୁହନ୍ତି ।

ଏକ ସରକାରୀ ଆକଳନ ଅନୁସାରେ ରାଜ୍ୟରେ ବର୍ତ୍ତମାନ ୨୩ଟି ବିଭିନ୍ନ ଶିଳ୍ପ ଓ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବାର୍ଷିକ ୪କୋଟି ୩୫ଲକ୍ଷ ୧୦ହଜାର ୧୪୦ ମେଟ୍ରିକ ଟନ୍ କୋଇଲା ଜାଳେଣି ଭାବେ ବ୍ୟବହୃତ ହେଉଛି ଓ ସେଥିରୁ ୧୯.୧୮ ନିୟୁତ ଟନ୍ ଉଡ଼ନ୍ତା ପାଉଁଶ ସୃଷ୍ଟି ହେଉଛି । ସେଥିରୁ ମାତ୍ର ୮.୪୧ ନିୟୁତ୍ ଟନ୍ ପାଉଁଶକୁ ବିଭିନ୍ନ କାମରେ ବ୍ୟବହାର କରାଯାଉଛି ଓ ବଳକା ୧୦.୭୭ ନିୟୁତ ଟନ୍ ପାଉଁଶ ଜମା ରହୁଛି । ରାଜ୍ୟରେ ଏବେ ଚାଲୁଥିବା ନାଲକୋ, ଇବ୍ ଥରମାଲ, ଏନଟିପିସି, କଣିହାଁ, ତାଳଚେର ଓ ଅନ୍ୟାନ୍ୟ ତାପଜ ବିଦ୍ୟୁତ କେନ୍ଦ୍ର ସହ ବର୍ତ୍ତମାନ ସରକାର ଯେଉଁ ୨୯ଟି ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି, ସେଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ସେଥିରେ ବାର୍ଷିକ ମୋଟ ୨୦୫ ନିୟୁତ୍ ମେଟ୍ରିକ୍ ଟନ୍ କୋଇଲା ଜାଳେଣି ପାଇଁ ବ୍ୟବହୃତ ହେବ ଓ ସେଥିରୁ ୮୦ ନିୟୁତ ଟନ୍ ପାଉଁଶ ସୃଷ୍ଟି ହେବ । ଏ ବିଶାଳ ପାଉଁଶ ଭଣ୍ଡାରକୁ ବ୍ୟବହାର କରିବାପାଇଁ ରାଜ୍ୟ ସରକାରଙ୍କର ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଯୋଜନା ନଥିବାରୁ ଏହା ରାଜ୍ୟର ପରିବେଶ ଓ କୃଷିକ୍ଷେତ୍ର ପାଇଁ ଭୟାବହ ବିପଦ ସୃଷ୍ଟି କରିବ । ସରକାର କ'ଣ ଅବଗତ ନାହାନ୍ତି ଯେ ବିଗତ ୧୦ବର୍ଷ ଭିତରେ ନାଲକୋ ଓ ଏନଟିପିସିର ପାଉଁଶ ପୋଖରୀ ଓ ରାଉରକେଲା ଇସ୍ପାତ କାରଖାନା ପାଉଁଶ ଗଦାର ପ୍ରାଚୀର ଭୁଶୁଡ଼ି ବିଭିନ୍ନ ସମୟରେ ବ୍ୟାପକ ଅଞ୍ଚଳକୁ ଛାରଖାର କରିଦେଉଛି । ପାଉଁଶ ଗଦା ଏବଂ ପାଉଁଶ ପାଣି ମାଡ଼ିଯିବା ଫଳରେ ପରିବେଶ ଓ କୃଷିର ବ୍ୟାପକ କ୍ଷତି ହୋଇଛି । ତେଣୁ ମନଇଚ୍ଛା ତାପଜ ବିଦ୍ୟୁତ କେନ୍ଦ୍ର ପାଇଁ ଶିଳ୍ପପତିମାନଙ୍କ ସହ ଏତେ ବୁଝାମଣାପତ୍ର ଦସ୍ତଖତ କରାଯିବାର କାରଣ କ'ଣ ? ରାଜ୍ୟରେ ଯେଉଁ ୨୯ଟି ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିବାପାଇଁ ସରକାର ବୁଝାମଣା ପତ୍ର ଦସ୍ତଖତ କରିଛନ୍ତି ସେଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ସେଥିରୁ ମୋଟ ୩୯୩୨୦ ମେଗାୱାଟ ବିଦ୍ୟୁତ୍ଶକ୍ତି ଉତ୍ପାଦନ ହେବ ଓ ସେଥିରେ ୧୮୦ ନିୟୁତ୍ ଟନ୍ କୋଇଲା ଜାଳେଣି ଭାବେ ବ୍ୟବହୃତ ହେବ । ସେଥିରୁ ୭୦ ନିୟୁତ ଟନ୍ ପାଉଁଶ ସୃଷ୍ଟି ହେବାସହିତ ସେହି ଅନୁପାତରେ ଅଙ୍ଗାରକାମ୍ଳ ସଲଫର ଗ୍ୟାସ ସୃଷ୍ଟିହୋଇ ପରିବେଶକୁ ପ୍ରଦୂଷଣ କରିଦେବ ଓ ରାଜ୍ୟରେ ଭୟଙ୍କର ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି କରିବ ।

ସରକାରଙ୍କର ଆହୁରି ଏକ ହିସାବ ଅନୁସାରେ ବର୍ତ୍ତମାନ ସୁଦ୍ଧା ୪୫ହଜାର ମେଗାୱାଟ ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ମଞ୍ଜୁରି ମିଳିଛି । ସେଥିପାଇଁ ରାଜ୍ୟର ୩୩,୭୫୦ ଏକର ଜମି ଯିବ । ଏ ସବୁ ପ୍ରକଳ୍ପଗୁଡ଼ିକ ପୂର୍ଣ୍ଣମାତ୍ରାରେ ଚାଲୁ ହେଲେ ବିଭିନ୍ନ ନଦୀରୁ ଘଣ୍ଟାକୁ ୧ଲକ୍ଷ ୫୭ହଜାର ଘନ ମିଟର ପାଣି ଶୋଷିବେ । ଏ ପରିସ୍ଥିତିରେ ଓଡ଼ିଶାର ଚାଷୀ ଓ ଚାଷର ଯେ କି ଭୟଙ୍କର କ୍ଷତି ହେବ, ତାହା ସରକାର ବିଚାରକୁ ନେଇ ନାହାନ୍ତି । ଚାଷ ପାଇଁ ଉଦ୍ଦିଷ୍ଟ ଜଳକୁ ବେପରୁଆ, ଓ ବିଚାରହୀନ ଭାବରେ ଏସବୁ ଶିଳ୍ପକୁ ଦେଇ ଚାଷ କ୍ଷେତ୍ରରେ ବିପର୍ଯ୍ୟୟ ସୃଷ୍ଟିକରିବା ଓ ରାଜ୍ୟର ଖାଦ୍ୟ ଓ ଅନ୍ୟାନ୍ୟ କୃଷିଜାତ ପଦାର୍ଥର ଉତ୍ପାଦନ କ୍ଷେତ୍ରରେ ଏକ ସଂକଟ ସୃଷ୍ଟି କରି ଓଡ଼ିଶାର ସର୍ବନାଶ କରିବାର ଅଧିକାର ସରକାରଙ୍କର ଅଛି କି ନାହିଁ, ତାହା ସରକାର ବୋଧେ ଚିନ୍ତା କରିନାହାନ୍ତି । ଏଥିରୁ ଘଣ୍ଟାକୁ ହାରାହାରି ୧୦ହଜାର୨୭୪ଟନ୍, ଅର୍ଥାତ୍ ବର୍ଷକୁ ୯କୋଟି ଟନ୍ ଉଡ଼ନ୍ତା ପାଉଁଶ ନିର୍ଗତ ହେବ ଓ ବାର୍ଷିକ ୨୨କୋଟି ୫୦ଲକ୍ଷ ଟନ୍ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହେବବୋଲି ପ୍ରାଥମିକ ଭାବେ ସରକାର ଆକଳନ କରିଛନ୍ତି । ଏତଦ୍ ବ୍ୟତୀତ ବିପୁଳ ପରିମାଣର ନାଇଟ୍ରୋଜେନ ଡାଇଅକ୍ସାଇଡ ଓ ସଲଫର ଡାଇଅକସାଇଡ଼ ଭଳି ବିଷାକ୍ତ ବାଷ୍ପ ଏଥିରୁ ନିର୍ଗତ ହେବ ଓ ବାତାବରଣକୁ ପ୍ରଦୂଷିତ ଓ ବିଷାକ୍ତ କରିଦେବ । ଏଭଳି ପରିସ୍ଥିତିରେ ରାଜ୍ୟରେ କେତେ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ଓ କି ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍, ତା'ର ସବିଶେଷ ଅଧ୍ୟୟନ ଓ ଅନୁଧ୍ୟାନ ସରକାର କରିବା ଆବଶ୍ୟକ ।

ଏ ସଂକଟରୁ ରକ୍ଷା ପାଇବା ପାଇଁ ବିକଳ୍ପ ବ୍ୟବସ୍ଥା କିଛି ଅଛି କି ନାହିଁ ? ଓଡ଼ିଶାରେ ଜଳବିଦ୍ୟୁତ୍ ଉତ୍ପାଦନ ବଢ଼ାଇବା ପାଇଁ ପ୍ରଭୂତ ସମ୍ଭାବନା ଓ ସୁଯୋଗ ଥିବା ସତ୍ତ୍ୱେ ସେ ଦିଗରେ ଆବଶ୍ୟକ ଧ୍ୟାନ ଦିଆଯାଇନାହିଁ । ମିଳିତ ସରକାର ଚାଲିଥିଲାବେଳେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସୁଥିବା ଶିଳ୍ପ ସଂକ୍ରାନ୍ତ ସରକାରଙ୍କ ଉଚ୍ଚସ୍ତରୀୟ ଅନୁମୋଦନ କମିଟି ମିଟିଂରେ ଏକଥା ମୁଁ ବାରମ୍ବାର ଉତ୍ଥାପିତ କରିଛି ଓ ଅଧିକ ତାପଜ ବିଦ୍ୟୁତ୍ ପ୍ରକଳ୍ପ ନକରିବାକୁ ମୁଁ ଦୃଢ଼ ମତ ଦେଇଛି । ଜଳବିଦ୍ୟୁତ୍ କ୍ଷେତ୍ରରେ ଅଧିକ ଧ୍ୟାନ ଦିଆଗଲେ, ସେଥିରେ ପ୍ରଦୂଷଣର ବିପଦ ନାହିଁ ଓ ତାସହିତ ଅଧିକ ଜମିକୁ ଜଳସେଚିତ କରିବାରେ ତାହା ସହାୟକ ହେବ । ବଡ଼ ଜଳବିଦ୍ୟୁତ୍ ପ୍ରକଳ୍ପ ସହିତ ଛୋଟ ନଦୀମାନଙ୍କରେ ଛୋଟ ଡ୍ୟାମମାନ କରି ବିଦ୍ୟୁତ ଉତ୍ପାଦନ କରାଯାଇପାରିବ । ଏ ସମ୍ପର୍କରେ ଉତ୍ତରାଖଣ୍ଡ ଯାଇ ସେଠାରେ ସରକାରଙ୍କ ସହ ମୁଁ ଆଲୋଚନା କରିଥିଲି ଓ ଏସବୁ ପ୍ରକଳ୍ପ ଛୋଟ ନଦୀମାନଙ୍କରେ ବି ହୋଇପାରିବା ସମ୍ଭବ । ଏଥିରେ ପାର୍ଶ୍ୱବର୍ତ୍ତୀ ଜମି ଜଳସେଚିତ ହୋଇପାରିବ ଓ ଲୋକେ ବିସ୍ଥାପିତ ହେଲାଭଳି ଗୁରୁତର ସମସ୍ୟା ରହିବନାହିଁ । ଲୋକେ ବରଂ ଏହାକୁ ସ୍ୱାଗତ କରିବେ ଓ ସରକାର କୌଣସି ବିରୋଧର ସମ୍ମୁଖୀନ ହେବେନାହିଁ । ସରକାର ଏଥିରେ ଅର୍ଥ ଖଟାଇବାକୁ ନଚାହିଁଲେ ଛୋଟ ଉଦ୍ୟୋଗପତିମାନଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷର କରି ଉତ୍ପାଦିତ ବିଦ୍ୟୁତ୍ ଶକ୍ତିରୁ କେତେ ଅଂଶ ସରକାରଙ୍କୁ ଦେଲେ ଏଭଳି ଅନୁମତି ମିଳିବ ତାହା ସ୍ଥିର କରାଯାଇପାରିବ । ମୁଖ୍ୟମନ୍ତ୍ରୀଙ୍କ ସହିତ ଏସବୁ ବିଷୟରେ ମୁଁ ବିଶଦ ଭାବରେ ଆଲୋଚନା କରିଥିଲି । ରାଜ୍ୟରେ ବିଦ୍ୟୁତ ଶକ୍ତିର ଆବଶ୍ୟକତା ଓ ବାତାବରଣକୁ ପ୍ରଦୂଷଣମୁକ୍ତ ରଖିବା ବିଷୟକୁ ଧ୍ୟାନରେ ରଖି ବର୍ତ୍ତମାନ ଏଭଳି ପଦକ୍ଷେପ ସରକାର ନେବା ଅତି ଜରୁରୀ ବୋଲି ଅନୁଭବ କରାଯାଉଛି । ଦ୍ୱିତୀୟରେ ସୂର୍ଯ୍ୟତାପରୁ ବିଦ୍ୟୁତ୍ ପ୍ରକଳ୍ପ ଓ ବାୟୁଚାଳିତ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବାପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ।

କୋଇଲାଭିତ୍ତିକ ଉପରୋକ୍ତ ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ବାତାବରଣ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବ ଓ ଏହାର ତାପ ଓ ଜ୍ୱଳନ ଜନସାଧାରଣ ସହ୍ୟ କରିପାରିବେନି ଓ ବାୟୁମଣ୍ଡଳ ଧ୍ୱଂସମୁଖୀ ହେବ । ସେସବୁ ଅଞ୍ଚଳ ଉଡ଼ନ୍ତା ପାଉଁଶରେ ଆଚ୍ଛାଦିତ ହେବାସହିତ, ପାଉଁଶ ପୋଖରୀ ଓ ପାଉଁଶ ଭଣ୍ଡାର ଭୁଶୁଡ଼ି ଚାଷ ଜମି ପୋତି ହୋଇଯିବ ଓ ଫସଲ ଧ୍ୱଂସ ପାଇବ । ଲୋକେ ରୋଗାକ୍ରାନ୍ତ ହେବେ । ଏ ବିଦ୍ୟୁତ୍ ପ୍ରକଳ୍ପମାନଙ୍କରୁ ଲାଭ ଯେତିକି ହେବ କ୍ଷତି ହୁଏତ ତା'ଠାରୁ ବହୁତ ବେଶି ହେବ । ଏହି ପରିସ୍ଥିତିରେ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଏତେ ବୁଝାମଣା ପତ୍ର ସ୍ୱାକ୍ଷର କରିବାର କି ଆବଶ୍ୟକତା ରହିଛି ? ସରକାର ଯଦି ପ୍ରକୃତରେ ଓଡ଼ିଶା ଓ ଓଡ଼ିଶା ଲୋକଙ୍କର ହିତ ଚାହୁଁଥାନ୍ତି, ତା'ହେଲେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖ୍ୟାତିସଂପନ୍ନ ବିଶେଷଜ୍ଞମାନଙ୍କୁ ନେଇ ଗୋଟିଏ ଉଚ୍ଚସ୍ତରୀୟ କମିଟି ଗଠନ କରନ୍ତୁ ଓ ଏ ସବୁର ଆବଶ୍ୟକ ପରୀକ୍ଷା ନିରୀକ୍ଷା ପରେ ରାଜ୍ୟରେ କେତେ ତାପଜ ବିଦ୍ୟୁତ୍ କେନ୍ଦ୍ର ହେଲେ, ରାଜ୍ୟର କ୍ଷତି ହେବ ନାହିଁ, ତାହା ସ୍ଥିର କରନ୍ତୁ । ତା'ସହିତ ରାଜ୍ୟରେ ବ୍ୟାପକ ଭାବରେ କିଭଳି ଜଳବିଦ୍ୟୁତ୍ ପ୍ରକଳ୍ପ ଓ ଅନ୍ୟ ବିଦ୍ୟୁତ ପ୍ରକଳ୍ପ ହେବ ଓ ବିଜୁଳିର ଆବଶ୍ୟକତା ମେଣ୍ଟାଯାଇପାରିବ, ସେ ବିଷୟରେ ବିଶେଷଜ୍ଞମାନଙ୍କ ପରାମର୍ଶ ନିଅନ୍ତୁ । ତାପଜ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା କରିବାପାଇଁ ଯେଉଁ ଶିଳ୍ପପତିମାନେ ଆମ ରାଜ୍ୟର କୋଇଲା ସଂପଦକୁ ଦେଖି ଆକର୍ଷିତ ହେଉଛନ୍ତି, ସେମାନେ ସିନା ସେମାନଙ୍କର ବ୍ୟାବସାୟିକ ସ୍ୱାର୍ଥ ଦେଖୁଛନ୍ତି, କିନ୍ତୁ ଆମ ସରକାର ସେଥିପାଇଁ ଆଗ୍ରହ ଓ ବ୍ୟଗ୍ରତା ପ୍ରଦର୍ଶନ କରିବାର କାରଣ କ'ଣ ? ରାଜ୍ୟର ସ୍ୱାର୍ଥ ଓ ଜନସାଧାରଣଙ୍କର ସ୍ୱାର୍ଥକୁ ସର୍ବାଗ୍ରେ ରଖି ସରକାର ତୁରନ୍ତ ଏ କ୍ଷେତ୍ରରେ ନିଷ୍ପତ୍ତି ନେବା ଉଚିତ ହେବ । ବେଳକୁ ବେଳ ବୃଦ୍ଧି ପାଉଥିବା ଅସହ୍ୟ ଓ ପ୍ରଚଣ୍ଡ ସୂର୍ଯ୍ୟତାପର ଜ୍ୱଳନ, ଜନଜୀବନର ବିଧ୍ୱଂସକାରୀ ପ୍ରଦୂଷଣ ଓ ଧ୍ୱଂସମୁଖୀ ବାୟୁମଣ୍ଡଳ ପାଇଁ ଓଡ଼ିଶାବାସୀ ଯେତିକି ଚିନ୍ତିତ, ତା'ଠାରୁ ସରକାରଙ୍କର ଏ ଧ୍ୱଂସମୁଖୀ ଚିନ୍ତାଧାରା ପାଇଁ ଅଧିକ ଚିନ୍ତିତ ।

*ଲେଖକ ପୂର୍ବତନ ମନ୍ତ୍ରୀ*

**ଏ/୧୨, ନୀଳକଣ୍ଠନଗର, ନୟାପଲ୍ଲୀ, ଭୁବନେଶ୍ୱର**